# ଅଧା ଓ ଚଉଠ ଜାଣିବା

## ଗୋଟିଏକୁ କେମିତି ଭାଙ୍ଗିବା





COMPETITIVE BOOKS Odisha Board and NCERT OBS


ଥରେ ଦୁଇଟି ବିଲେଇ ମିଶି  ଜଣେ ଲୋକ ଘରୁ ପିଠାଟିଏ ଆଣିଥିଲେ । ତାକୁ ନିଜ ଭିତରେ ବାଣ୍ଟି ନ ପାରି ଗୋଟିଏ ମାଙ୍କଡ଼ର ସାହାଯ୍ୟ ନେଲେ । ମାଙ୍କଡ଼ ପିଠାକୁ ଏମିତି ଦୁଇ ଭାଗ କଲା ଯେପରି ଗୋଟିଏ ଭାଗ ବଡ଼ ଓ ଅନ୍ୟ ଭାଗ ସାନ ହେବ । ଦୁଇ ଖଣ୍ଡକୁ ତରାଜୁର ଦୁଇ ପାଖରେ ପକାଇ ତଉଲିଲା । ଗୋଟିଏ ପାଖ ତଳକୁ ଗଲା । ସେ ପାଖରେ ଥିବା ପିଠା ଖଣ୍ଡିକରୁ କିଛି ଛିଣ୍ଡାଇ ନେଇ ନିଜେ ଖାଇଲା । ପୁଣି ତଉଲିଲା, ଏଥର ତରାଜୁର ଆର ପାଖଟି ତଳକୁ ଗଲା । ସେ ପାଖରେ ଥିବା ପିଠାରୁ କିଛି ଛିଣ୍ଡାଇ ନେଇ ନିଜେ ଖାଇଲା । ବିଲେଇ ଦୁଇଟି ଭାବୁଛନ୍ତି, ‘‘ହଁ, ମାଙ୍କଡ଼ଟି ବଡ଼ ଭାଗରୁ ଟିକିଏ ନ ଖାଇଲେ ଭାଗ ଦୁଇଟି ସମାନ ହେବ କିପରି ?



ଏପରି ଖଣ୍ଡିଏ ଖଣ୍ଡିଏ ଖାଉ ଖାଉ ପିଠା ଶେଷ ଓ ମାଙ୍କଡ଼ ଯାଇ ଗଛ ଉପରେ । ବିଲେଇ ଦୁଇଟି ଶେଷରେ ମନ ଦୁଃଖରେ ଗଲେ । ପିଠାଟିକୁ ଯଦି ନିଜେ ସମାନ ଦୁଇ ଭାଗ କରି ଦେଇଥା’ନ୍ତେ,ତେବେ ଏପରି ପରିସ୍ଥିତି ହୋଇ ନ ଥାନ୍ତା ।

- ଯଦି ବିଲେଇ ଦୁଇଟି ପିଠାଟିକୁ ସମାନ ଦୁଇ ଭାଗ କରିବା ଲାଗି ତୁମକୁ କହିଥା’ନ୍ତେ, ତୁମେ କିପରି ଭାଗ କରିଥାଆନ୍ତ ଚିତ୍ରରେ ଦେଖାଅ ।

- ଗୋଟିଏ କାଗଜ ପଟି ନେଇ ତାକୁ ସମାନ ଦୁଇ ଭାଗ କର । ଗୋଟିଏ ଭାଗକୁ ଲାଲ୍‌ରଙ୍ଗ ଦିଅ ।



ଦୁଇ ସମାନ ଭାଗରୁ ଏକ ଭାଗ ଲାଲ। ଆମେ କହୁ, ଲାଲ ଅଂଶଟି କାଗଜ ପଟିର ଦୁଇ ସମାନ ଭାଗରୁ ଏକ ଭାଗ । ସେହିପରି, ଧଳା ଅଂଶଟି ମଧ୍ୟ କାଗଜ ପଟିର ଦୁଇ ସମାନ ଭାଗରୁ ଏକ ଭାଗ । କାଗଜ ଖଣ୍ଡିକର ଅଧା ଲାଲ୍ ଓ ଆଉ ଅଧା ଧଳା ।



ମୁଖାଟିରେ ରଙ୍ଗ ହୋଇଥିବା ଭାଗଟି ମୁଖାଟିର ଅଧା ଓ ରଂଗହୋଇ ନ ଥିବା ଭାଗଟି ମଧ୍ୟ ମୁଖାଟିର ଅଧା ।



ଗୁଡ଼ିଟିର ରଙ୍ଗ ହୋଇଥିବା ଭାଗଟି ପୂରା ଛବିର ଅଧା ଓ ଧଳା ଭାଗ ପୂରା ଛବିର ଅଧା ଅଟେ । ଅଧା ଅଂଶକୁ ସଂଖ୍ୟାରେ $\frac{୧}{୨}$ ଭାବେ ଲେଖାଯାଏ, ଏହାକୁ "୧ ବିଭକ୍ତ ୨ ଭାବେ ପଢ଼ାଯାଏ" । $\frac{୧}{୨}$ ହେଉଛି ଏକ ଭଗ୍ନଂସଂଖ୍ୟା ।


COMPETITIVE BOOKS
Odisha Board and NCERT
All Books With Solutions
OBS

ତୁମ ପାଇଁ କାମ-

୧. ତଳେ ଦିଆଯାଇଥିବା ପ୍ରତ୍ୟେକ ବର୍ଗାକୃତିର ଛବିକୁ ଭିନ୍ନ ଭିନ୍ନ ଭାବରେ ଗାର ଟାଣି ସମାନ ଦୁଇ ଭାଗ କର । ଗୋଟିଏ ଭାଗକୁ ରଙ୍ଗ ଦିଅ ।



୨. ପାଖରେ ଥିବା ଚିତ୍ରରେ ଗାରଟିଏ ଟାଣି ଚିତ୍ରକୁ ସମାନ ଦୁଇ ଭାଗ କର ।



- ରିତାର ବାପା ଗୋଟିଏ କେକ୍ ଆଣିଥିଲେ, ସେ ତା' ନିଜ ପାଇଁ, ଭାଇ, ବାପା ଓ ମା'ଙ୍କ ପାଇଁ ଚାରି ସମାନ ଭାଗ କଲା ଓ ପ୍ରତ୍ୟେକ ଅଂଶକୁ ବାଣ୍ଟିଦେଲା ।

ପ୍ରତ୍ୟେକ ଭାଗକୁ ଅଲଗା ଅଲଗା ରଙ୍ଗଦିଅ ।



ରିତା ପାଇଥିବା ଅଂଶ = ପୁରା କେକ୍‌ର ୪ ସମାନ ଭାଗରୁ ୧ ଭାଗ

= ପୁରା କେକ୍‌ର $\frac{୧}{୪}$ ଅଂଶ



ରିତା ଓ ତା'ର ଭାଇ ପାଇଥିବା କେକ୍‌ର ଅଂଶ = ପୁରା କେକ୍‌ର ୪ ସମାନ ଭାଗରୁ ୨ ଭାଗ

= ପୁରା କେକ୍‌ର $\frac{୨}{୪}$ ଅଂଶ



ପ୍ରଥମ ରୁ ଦ୍ୱାଦଶ
BOOKS
ଓଡ଼ିଶା Board
and NCERT
All Books With Solutions


ରିତା, ତା'ର ଭାଇ ଓ ମା' ମିଶି କରି ପାଇଥିବା କେକ୍‌ର ଅଂଶ = ପୁରା କେକ୍‌ର ୪ ସମାନ ଭାଗରୁ ୩ ଭାଗ

= ପୁରା କେକ୍‌ର $\frac{୩}{୪}$ ଅଂଶ



☞ କୋଠରିଟିକୁ ଚାରି ସମାନ ଭାଗ କରାଯାଇଛି ଓ ଗୋଟିଏ ଭାଗକୁ ରଙ୍ଗ କରାଯାଇଛି ।

କୋଠରିଟିର______ ଅଂଶ ଧଳା ଓ ________ ଅଂଶକୁ ରଙ୍ଗ ଦିଆଯାଇଛି ।




କିଏ କେତେ ଅଂଶ କେକ୍ ପାଇଲେ ତାହା ଜାଣିବା ଲାଗି ଆମେ $\frac{୧}{୪}$, $\frac{୧}{୨}$ , $\frac{୩}{୪}$ ଆଦି ସଂଖ୍ୟା ବ୍ୟବହାର କଲେ । ଏହି ଭଳି ସଂଖ୍ୟାଗୁଡ଼ିକୁ **ଭଗ୍ନସଂଖ୍ୟା** କୁହାଯାଏ । $\frac{୧}{୨}$ ରେ ଗାର ଉପରେ ଥିବା ୧ କୁ **ଲବ** ଓ ଗାର ତଳେ ଥିବା ୨ କୁ **ହର** କୁହାଯାଏ । $\frac{୧}{୨}$ କୁ **ଏକ ବିଭକ୍ତ ଦୁଇ** ପଢାଯାଏ ।

$\frac{୩}{୪}$ ରେ ଲବ ୩ ଓ ହର ୪ ଅଟେ ଓ ଏହାକୁ **ତିନି ବିଭକ୍ତ ଚାରି** ପଢାଯାଏ ।

## ଅଭ୍ୟାସ କାର୍ଯ୍ୟ


୧. ତଳ ଚିତ୍ରକୁ କେତୋଟି ସମାନ ଭାଗ କରାଯାଇଛି ତାହା ଖାଲି ସ୍ଥାନରେ ଲେଖ ।

(କ)  (ଖ)  (ଗ) 

.................... .................... ....................

୨. ତଳ ଚିତ୍ର ମଧ୍ୟରୁ ଯେଉଁଟି ସମାନ ଭାଗରେ ବିଭକ୍ତ ହୋଇଛି ତା' ଉପରେ '✓' ଚିହ୍ନ ଦିଅ ।

(କ) ଦୁଇ ସମାନ ଭାଗ



ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

(ଖ) ଚାରି ସମାନ ଭାଗ



୩. ଖଣ୍ଡିଏ ଆୟତାକୃତିର କାଗଜକୁ ଭାଙ୍ଗି

(କ) ୨ ସମାନ ଭାଗ କର,

(ଖ) ୩ ସମାନ ଭାଗ କର,

(ଗ) ୪ ସମାନ ଭାଗ କର,




(ଘ) ୬ ସମାନ ଭାଗ କର,

(ଙ) ୮ ସମାନ ଭାଗ କର,





ପ୍ରତ୍ୟେକ ଥର ସମାନ ଭାଗ କରିବାପରେ ତାହାକୁ ଚିତ୍ରରେ ଦେଖାଅ ।

୪. ଖଣ୍ଡିଏ ଆୟତାକୃତିର କାଗଜ ନେଇ, ତାକୁ କେତେ ପ୍ରକାରରେ ଦୁଇ ସମାନ ଭାଗରେ ବିଭକ୍ତ କରାଯାଇପାରିବ କର । ପ୍ରତ୍ୟେକ ପ୍ରକାରକୁ ଚିତ୍ରରେ ଦେଖାଅ ।

୫.  ପ୍ରତ୍ୟେକ ଚିତ୍ରର ଅଧା ଦିଆଯାଇଛି, ଚିତ୍ର ଗୁଡ଼ିକୁ ସମ୍ପୂର୍ଣ୍ଣ କର ।









୬.  ଚିତ୍ରର କେତେ ଅଂଶ ରଙ୍ଗିନ୍ ତାକୁ ଦେଖ ଓ ରଙ୍ଗିନ୍ ଅଂଶକୁ ଉପଯୁକ୍ତ ଭଗ୍ନସଂଖ୍ୟା ସହ ଯୋଡ଼ ।

| | | |
|---|---|---|
|  | ଚଉଠ | $\frac{୩}{୪}$ |
|  | ଅଧା | $\frac{୪}{୪}$ |
|  | ତିନି ଚତୁର୍ଥାଂଶ | $\frac{୧}{୨}$ |
|  | ପୁରା | $\frac{୧}{୪}$ |


ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

୭.  (କ) ଚିତ୍ର ଦେଖି ରେଖା ଚିହ୍ନିତ ଅଂଶ ପୂରାଚିତ୍ରର କେତେ ଭାଗରୁ କେତେ ଭାଗ ଖାଲି ସ୍ଥାନରେ ଲେଖ ।

୪ ଭାଗରୁ ୧ ଭାଗ,  ----- ଭାଗରୁ ---- ଭାଗ,  ----- ଭାଗରୁ ---- ଭାଗ ,  ----- ଭାଗରୁ ----ଭାଗ

(ଖ) ପ୍ରତ୍ୟେକ ଚିତ୍ର ତଳେ ଥିବା ଲେଖା ଅନୁଯାୟୀ ସେହି ଚିତ୍ରର ଅଂଶକୁ ରଙ୍ଗ ଦିଅ ।



ଏକ ଚତୁର୍ଥାଂଶ     ଦୁଇ ପଞ୍ଚମାଂଶ     ଚାରି ଷଷ୍ଠାଂଶ     ପାଞ୍ଚ ଅଷ୍ଟମାଂଶ

୮. ଛବିର ରେଖା ଚିହ୍ନିତ ଭାଗଟି, ପୁରା ଚିତ୍ରର କେତେ ଅଂଶ ତାହା ଲେଖ ।


(କ)




(ଖ)




(ଗ)




(ଘ)



(ଙ)




(ଚ)




ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

୯. ରଙ୍ଗ କରି ବା ଗାର ଟାଣି ଦେଖାଅ ।



$\frac{୧}{୪}$     $\frac{୨}{୩}$     $\frac{୩}{୮}$     $\frac{୫}{୮}$

୧୦. ଯେଉଁ ଚିତ୍ରରେ ରେଖା ଚିହ୍ନିତ ଅଂଶ ଠିକ୍ ଲେଖାଯାଇଛି, ତା' ପାଖରେ ଠିକ୍ ଚିହ୍ନ (✓) ଦିଅ ଓ ଯେଉଁଟି ଭୁଲ ତା' ପାଖରେ ଛକ (×) ଚିହ୍ନ ଦିଅ ।



$\frac{୧}{୪}$ ଅଂଶ ☐   $\frac{୮}{୩}$ ଅଂଶ ☐   $\frac{୪}{୮}$ ଅଂଶ ☐   $\frac{୨}{୪}$ ଅଂଶ ☐

୧୧. ନିମ୍ନ ଭଗ୍ନସଂଖ୍ୟାଗୁଡ଼ିକର ନାମ ଖାଲି ଘରେ ଲେଖ ।

ଯେପରି

| | | |
|---|---|---|
| $\frac{୨}{୩}$ : ଦୁଇ ବିଭକ୍ତ ତିନି | $\frac{୩}{୫}$ : | $\frac{୬}{୧୦}$ : |
| $\frac{୭}{୧୬}$ : | $\frac{୮}{୧୦}$ : | $\frac{୧୦}{୧୮}$ : |

ପ୍ରଥମ ରୁ ଦ୍ୱାଦଶ
COMPETITIVE
BOOKS
ଓଡ଼ିଶା Board
and NCERT
All Books With Solutions
OBS

୧୨. ଉଦାହରଣ ଦେଖି ଖାଲି ସ୍ଥାନ ପୂରଣ କର ।

ଯେପରି $\frac{୧}{୩}$ ହେଉଛି ଗୋଟିଏ ବସ୍ତୁର ୩ ସମାନ ଭାଗରୁ ୧ ଭାଗ । ସେହିପରି-

(କ) $\frac{୧}{୬}$ ହେଉଛି ଗୋଟିଏ ବସ୍ତୁର ..........ସମାନ ଭାଗରୁ ..........ଭାଗ ।

(ଖ) $\frac{୩}{୫}$ ହେଉଛି ଗୋଟିଏ ବସ୍ତୁର ..........ସମାନ ଭାଗରୁ ..........ଭାଗ ।

(ଗ) $\frac{୨}{୧୦}$ ହେଉଛି ଗୋଟିଏ ବସ୍ତୁର ..........ସମାନ ଭାଗରୁ ..........ଭାଗ ।

(ଘ) $\frac{୪}{୫}$ ହେଉଛି ଗୋଟିଏ ବସ୍ତୁର ..........ସମାନ ଭାଗରୁ ..........ଭାଗ ।

(ଙ) $\frac{୩}{୬}$ ହେଉଛି ଗୋଟିଏ ବସ୍ତୁର ..........ସମାନ ଭାଗରୁ ..........ଭାଗ ।


(ଚ) $\frac{୨}{୭}$ ହେଉଛି ଗୋଟିଏ ବସ୍ତୁର ..........ସମାନ ଭାଗରୁ ..........ଭାଗ ।

# ଅଭ୍ୟାସ

## ପ୍ରଶ୍ନ ଓ ଉତ୍ତର




୧ । ତଳ ଚିତ୍ରକୁ କେତୋଟି ସମାନ ଭାଗ କରାଯାଇଛି ତାହା ଖାଲି ସ୍ଥାନରେ ଲେଖ ।





ଉ : (କ) ୩ଟି (ଖ) ୬ଟି (ଗ) ୮ଟି

୨ । ତଳ ଚିତ୍ର ମଧ୍ୟରୁ ଯେଉଁଟି ସମାନ ଭାଗରେ ବିଭକ୍ତ ହୋଇଛି ତା' ଉପରେ '✓' ଚିହ୍ନ ଦିଅ । (ପ୍ରଶ୍ନ ସହ ଉତ୍ତର)

(କ) ଦୁଇ ସମାନ ଭାଗ



(ଖ) ଚାରି ସମାନ ଭାଗ



୩ । ଖଣ୍ଡିଏ ଆୟତାକୃତିର କାଗଜକୁ ଭାଗ । ପ୍ରତ୍ୟେକ ଥର ସମାନ ଭାଗ କରିବାପରେ ତାହାକୁ ଚିତ୍ରରେ ଦେଖାଅ ।


(କ) ୨ ସମାନ ଭାଗ କର ଉ:

(ଖ) ୩ ସମାନ ଭାଗ କର ଉ:

(ଗ) ୪ ସମାନ ଭାଗ କର ଉ:


(ଘ) ୬ ସମାନ ଭାଗ କର ଉ:

(ଙ) ୮ ସମାନ ଭାଗ କର ଉ:



୪ । ଖଣ୍ଡିଏ ଆୟତାକୃତିର କାଗଜ ନେଇ ତାକୁ କେତେ ପ୍ରକାରରେ ଦୁଇ ସମାନ ଭାଗରେ ବିଭକ୍ତ କରାଯାଇପାରିବ କର । ପ୍ରତ୍ୟେକ ପ୍ରକାରକୁ ଚିତ୍ରରେ ଦେଖାଅ ।


ଉ :




ପ୍ରଥମରୁ ଦ୍ୱାଦଶ COMPETITIVE BOOKS ଓଡ଼ିଶା Board and NCERT All Books With Solutions OBS

୫ । ପ୍ରତ୍ୟେକ ଚିତ୍ରର ଅଧା ଦିଆଯାଇଛି, ଚିତ୍ରଗୁଡ଼ିକୁ ସମ୍ପୂର୍ଣ୍ଣ କର ।


ଉ :



୬ । ଚିତ୍ରର କେତେ ଅଂଶ ରଙ୍ଗିନ୍ ତାକୁ ଦେଖ ଓ ରଙ୍ଗିନ୍ ଅଂଶକୁ ଉପଯୁକ୍ତ ଭଗ୍ନସଂଖ୍ୟା ସହ ଯୋଡ଼ ।



ଉ :





୭ ।(କ) ଚିତ୍ର ଦେଖି ରେଖା ଚିହ୍ନିତ ଅଂଶ ପୂରାଚିତ୍ରର କେତେ ଭାଗରୁ କେତେଭାଗ ଖାଲି ସ୍ଥାନରେ ଲେଖ ।




ଉ : ୪ ଭାଗରୁ ୧ ଭାଗ, ୪ ଭାଗରୁ ୨ ଭାଗ, ୮ ଭାଗରୁ ୩ ଭାଗ, ୬ ଭାଗରୁ ୨ ଭାଗ ।

(ଖ) ପ୍ରତ୍ୟେକ ଚିତ୍ର ତଳେ ଥିବା ଲେଖା ଅନୁଯାୟୀ ସେହି ଚିତ୍ରର ଅଂଶକୁ ରଙ୍ଗ ଦିଅ ।





ଏକ ଚତୁର୍ଥାଂଶ  ଦୁଇ ପଞ୍ଚମାଂଶ  ଚାରି ଷଷ୍ଠାଂଶ  ପାଞ୍ଚ ଅଷ୍ଟମାଂଶ

ଉ :





ଏକ ଚତୁର୍ଥାଂଶ  ଦୁଇ ପଞ୍ଚମାଂଶ  ଚାରି ଷଷ୍ଠାଂଶ  ପାଞ୍ଚ ଅଷ୍ଟମାଂଶ

୮ । ଛବିର ରେଖା ଚିହ୍ନିତ ଭାଗଟି, ପୂରା ଚିତ୍ରର କେତେ ଅଂଶ ତାହା ଲେଖ ।





ଉ : (କ) $\frac{୧}{୩}$ (ଖ) $\frac{୨}{୩}$ (ଗ) $\frac{୨}{୪}$ (ଘ) $\frac{୩}{୪}$ (ଙ) $\frac{୩}{୬}$ (ଚ) $\frac{୬}{୧୬}$

୯ । ରଙ୍ଗ କରି ବା ଗାର ଟାଣି ଦେଖାଅ ।




$\frac{୧}{୪}$  $\frac{୨}{୩}$  $\frac{୩}{୮}$  $\frac{୫}{୮}$

ଉ :



$\frac{୧}{୪}$  $\frac{୨}{୩}$  $\frac{୩}{୮}$  $\frac{୫}{୮}$

୧୦। ଯେଉଁ ଚିତ୍ରରେ ରେଖା ଚିହ୍ନିତ ଅଂଶ ଠିକ୍ ଲେଖାଯାଇଛି, ତା' ପାଖରେ ଠିକ୍ ଚିହ୍ନ (✓) ଦିଅ ଓ ଯେଉଁଟି ଭୁଲ୍ ତା' ପାଖରେ ଛକ (✗) ଚିହ୍ନ ଦିଅ ।




$\frac{୧}{୪}$ ଅଂଶ ☐  $\frac{୮}{୩}$ ଅଂଶ ☐  $\frac{୪}{୮}$ ଅଂଶ ☐  $\frac{୨}{୪}$ ଅଂଶ ☐

ଉ : (i) $\frac{୧}{୪}$ ଅଂଶ ☒  (ii) $\frac{୮}{୩}$ ଅଂଶ ☒
(iii) $\frac{୪}{୮}$ ଅଂଶ ☑  (iv) $\frac{୨}{୪}$ ଅଂଶ ☑

୧୧ । ନିମ୍ନ ଭଗ୍ନାଂଶଗୁଡ଼ିକର ନାମ ଖାଲି ଘରେ ଲେଖ । (ପ୍ରଶ୍ନ ସହ ଉତ୍ତର)

ଉ : $\frac{୨}{୩}$ : ଦୁଇ ବିଭକ୍ତ ତିନି
$\frac{୩}{୫}$ : ତିନି ବିଭକ୍ତ ପାଞ୍ଚ
$\frac{୭}{୧୬}$ : ସାତ ବିଭକ୍ତ ଷୋହଳ
$\frac{୮}{୧୦}$ : ଆଠ ବିଭକ୍ତ ଦଶ
$\frac{୬}{୧୦}$ : ଛଅ ବିଭକ୍ତ ଦଶ
$\frac{୧୦}{୧୮}$ : ଦଶ ବିଭକ୍ତ ଅଠର

୧୨ । ଉଦାହରଣ ଦେଖି ଖାଲି ସ୍ଥାନ ପୂରଣ କର ।

ଯେପରି $\frac{୧}{୩}$ ହେଉଛି ଗୋଟିଏ ବସ୍ତୁର ୩ ସମାନ ଭାଗରୁ ୧ ଭାଗ । ସେହିପରି–

(କ) $\frac{୧}{୬}$ ହେଉଛି ଗୋଟିଏ ବସ୍ତୁର ୬ ସମାନ ଭାଗରୁ ୧ ଭାଗ ।

(ଖ) $\frac{୩}{୫}$ ହେଉଛି ଗୋଟିଏ ବସ୍ତୁର ୫ ସମାନ ଭାଗରୁ ୩ ଭାଗ ।

ପ୍ରଥମ ରୁ ଦ୍ୱାଦଶ COMPETITIVE BOOKS ଓଡ଼ିଶା Board and NCERT All Book With Solutions OBS

(ଗ) $\frac{୨}{୧୦}$ ହେଉଛି ଗୋଟିଏ ବସ୍ତୁର ୧୦ ସମାନ ଭାଗରୁ ୨ ଭାଗ ।

(ଘ) $\frac{୪}{୫}$ ହେଉଛି ଗୋଟିଏ ବସ୍ତୁର ୫ ସମାନ ଭାଗରୁ ୪ ଭାଗ ।

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
(ଓଡ଼ିଆ Board and NCERT)
All Books With Solutions
OBS

(ଙ) $\frac{୩}{୬}$ ହେଉଛି ଗୋଟିଏ ବସ୍ତୁର ୬ ସମାନ ଭାଗରୁ ୩ ଭାଗ ।

(ଚ) $\frac{୨}{୭}$ ହେଉଛି ଗୋଟିଏ ବସ୍ତୁର ୭ ସମାନ ଭାଗରୁ ୨ ଭାଗ ।